# ଏସ୍‌ଏଚ୍. ଏସ୍.ଭି. ଭୀମା ଭଟ୍ଟା ଏବଂ ଅନ୍ୟଜଣେ ଇତ୍ୟାଦି

# ବନାମ

# କର୍ଣ୍ଣାଟକ ରାଜ୍ୟ ଏବଂ ଅନ୍ୟମାନେ

# ଜାନୁଆରୀ 18, 1996

# [କେ. ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*ଅବସର ଗ୍ରହଣ ବୟସରେ ପେନସନରେ ପରିବର୍ତ୍ତନ — ସ୍ୱାଭାବିକ ଅବସର ବୟସ ପରେ ମଧ୍ୟ ସେବା ଜାରି ରହିବା — ପେନସନ୍ ପାଇବାର ହକଦାର — ବର୍ଦ୍ଧିତ ସେବାକାଳକୁ ଗଣନାକୁ ନେବା — ଏହି ପ୍ରଶ୍ନଟିକୁ ବିଚାର ପାଇଁ ଖୋଲା ରଖାଗଲା କାରଣ ଏହି ବିଷୟରେ କୌଣସି ସୂଚନା ଜାରି କରାଯାଇ ନଥିଲା — ବାସ୍ତବ ଅବସର ତାରିଖ ଆଧାରରେ ପୂର୍ବରୁ ପ୍ରଦାନ କରାଯାଇଥିବା ପେନସନ୍‌କୁ ଫେରସ୍ତ ପାଇବା ପାଇଁ ରାଜ୍ୟ ସରକାର ହକଦାର ନୁହଁନ୍ତି — ରାଜ୍ୟ ସରକାର ନିୟମ ଅନୁଯାୟୀ ପେନସନ୍ ସ୍ଥିର କରିବା ପାଇଁ ସ୍ୱାଧୀନ ଅଟନ୍ତି ।*

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାରିତା: ଦେୱାନୀ ଅପିଲ ସଂଖ୍ୟା 2836-37/1996 ଇତ୍ୟାଦି

ଏ. ସଂଖ୍ୟା 1412/1991 ରେ ବାଙ୍ଗାଲୋରସ୍ଥିତ କର୍ଣ୍ଣାଟକ ପ୍ରଶାସନିକ ନ୍ୟାୟାଧିକରଣଙ୍କ 19.7.93 ର ରାୟ ଏବଂ ଆଦେଶରୁ ଅପିଲ ।

ଅପିଲକାରୀମାନଙ୍କ ତରଫରୁ ଏସ୍.ଆର୍. ଭଟ୍ଟ ।

ଉତ୍ତରଦାତାମାନଙ୍କ ତରଫରୁ କେ.ଆର୍. ନାଗରାଜା ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ବିଶେଷ ଅନୁମତି ଆବେଦନ (ଦେୱାନୀ) ସଂଖ୍ୟା 20571/93 କୁ ତାଲିକାଭୁକ୍ତ କରି ଶୁଣାଣି ପାଇଁ ଗ୍ରହଣ କରାଗଲା ।

ଆମେ ଉଭୟ ପକ୍ଷଙ୍କ ବିଜ୍ଞ ଅଧିବକ୍ତାଙ୍କ ଯୁକ୍ତି ଶୁଣିଲୁ ।

ମଞ୍ଜୁରୀ ପ୍ରଦାନ କରାଗଲା ।

ଅପିଲକାରୀଙ୍କ ବିଜ୍ଞ ଅଧିବକ୍ତା ଶ୍ରୀ ଏସ୍.ଆର୍. ଭଟ୍ଟ ଯୁକ୍ତି କରିଥିଲେ ଯେ, ସରକାରୀ କର୍ମଚାରୀଙ୍କ ଅବସର ବୟସ 55 ରୁ 58 ବର୍ଷ ମଧ୍ୟରେ ପରିବର୍ତ୍ତନ ହେଉଥିବା ଅବଧିରେ ଏବଂ 60 ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ ଜାରି ରହିବା ଅବଧିରେ, ସରକାର ଶେଷରେ ଅବସର ବୟସକୁ 58 ବର୍ଷକୁ ବୃଦ୍ଧି କରିଥିଲେ । ଏଥିସହ ଜନସ୍ୱାର୍ଥରେ କିଛି କର୍ମଚାରୀଙ୍କୁ 60 ବର୍ଷ ପର୍ଯ୍ୟନ୍ତ ନିଯୁକ୍ତି ଦେବାର ସ୍ୱାଧୀନତା ମଧ୍ୟ ରଖିଥିଲେ । ଯେଉଁମାନେ ସ୍ୱାଭାବିକ ଅବସର ବୟସ ପରେ ମଧ୍ୟ ସେବାରେ ରହିଥିଲେ, ସେମାନେ 60 ବର୍ଷ ବୟସରେ ଅବସର ନେବା ଦିନ ସୁଦ୍ଧା ପାଉଥିବା ଦରମା ହାରରେ ପେନସନ୍ ପାଇବାକୁ ହକଦାର । ସେହି ତିନି ବର୍ଷର ଅତିରିକ୍ତ ସେବାକାଳକୁ ମଧ୍ୟ ପେନସନ୍ ଗଣନା ସମୟରେ ଅନ୍ତର୍ଭୁକ୍ତ କରାଯିବା ଉଚିତ । ଅନ୍ୟପକ୍ଷରେ, ରାଜ୍ୟ ସରକାରଙ୍କ ବିଜ୍ଞ ଅଧିବକ୍ତା ଶ୍ରୀ ନାଗରାଜା ଯୁକ୍ତି କରିଥିଲେ ଯେ, ବୈଧାନିକ କ୍ଷମତା ପ୍ରୟୋଗ କରି ଜଣେ କର୍ମଚାରୀଙ୍କୁ ଅବସର ଦେବାର ସରକାରଙ୍କ ଏହି ଅଧିକାରକୁ ଏହି ନ୍ୟାୟାଳୟ ପୂର୍ବରୁ ସ୍ୱୀକୃତି ଦେଇଥିଲେ । ପେନସନ୍ ସେହି ତାରିଖରେ ନିର୍ଦ୍ଧାରଣ କରାଯିବା ଉଚିତ ଯେଉଁଦିନ କର୍ମଚାରୀଙ୍କୁ ଅବସର ନେବାକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଅବଶିଷ୍ଟ ଅବଧିକୁ ଆକସ୍ମିକ ବୋଲି ବିବେଚନା କରାଯିବ । ଆମେ ଏହି ପ୍ରଶ୍ନର ନିଷ୍ପତ୍ତି ନେବା ଆବଶ୍ୟକ ମନେ କରୁନାହୁଁ, କାରଣ ଏହି ନ୍ୟାୟାଳୟ ସୂଚନା ଜାରି କରିବା ସମୟରେ କେବଳ ଗୋଟିଏ ବିଷୟରେ ସୀମିତ ରହିଥିଲେ— ଯେଉଁ ପେନସନ୍ ଅଧିକା ପ୍ରଦାନ କରାଯାଇସାରିଛି, ତାହାକୁ ଫେରସ୍ତ ପାଇବା ପାଇଁ ରାଜ୍ୟ ସରକାରଙ୍କ ଅଧିକାର ଅଛି କି ନାହିଁ । ଶ୍ରୀ ନାଗରାଜା ସ୍ପଷ୍ଟ କରିଛନ୍ତି ଯେ, ଏଥିରେ ସରକାରଙ୍କର କୌଣସି ଆପତ୍ତି ନାହିଁ ଏବଂ ସେମାନଙ୍କୁ ପୂର୍ବରୁ ପ୍ରଦାନ କରାଯାଇଥିବା ପେନସନ୍‌କୁ ସରକାର ଫେରସ୍ତ ନେବେ ନାହିଁ; ଏହି ସୂଚନା କେବଳ ସେହି ସୀମା ପର୍ଯ୍ୟନ୍ତ ସୀମିତ । ଆମର ମତ ହେଉଛି ଯେ, ଉତ୍ତରଦାତାମାନେ 60 ବର୍ଷ ବୟସରେ ଅବସର ନେଇଥିବା ବିବେଚନା କରି ଯେଉଁ ପେନସନ୍ ଗଣନା କରାଯାଇଥିଲା ଏବଂ ପ୍ରଦାନ କରାଯାଇ ସାରିଥିଲା, ତାହାକୁ ସରକାର ଫେରସ୍ତ ନେବାକୁ ହକଦାର ନୁହଁନ୍ତି । ବୃହତ୍ତର ପ୍ରଶ୍ନଟିକୁ ଆମେ ବିଚାର ପାଇଁ ଖୋଲା ରଖୁଛୁ କାରଣ ତାହା ସେହି ବିଷୟ ନୁହେଁ ଯାହା ଉପରେ ସୂଚନା ଜାରି କରାଯାଇଥିଲା । ଫଳସ୍ୱରୂପ, ରାଜ୍ୟ ସରକାର ନିୟମ ଅନୁଯାୟୀ ପେନସନ ସ୍ଥିର କରିବାକୁ ସ୍ୱାଧୀନ ଅଟନ୍ତି ।

ତଦନୁସାରେ ଅପିଲଗୁଡ଼ିକର ଫଏସଲା କରାଯାଉଛି । କୌଣସି ଖର୍ଚ୍ଚ ଧାର୍ଯ୍ୟ କରାଯାଉନାହିଁ ।

ଜି.ଏନ୍ ଅପିଲଗୁଡ଼ିକର ଫଏସଲା କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

*ଭାଷାନ୍ତର :*

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**